# Akashvani, Sambalpur

## SAMBALPURI NEWS EVENING BULLETIN

## 13 August 2025- 7.02 pm- 7.12 pm.

*********************************************

୧- ରାଜ୍ୟ କେବିନେଟ୍ ବୈଠକ୍‌ଥି ୭ଟା ପ୍ରସ୍ତାବ୍‌କେ ମିଲ୍‌ଲା ମଞ୍ଜୁରୀ ।

-ସମ୍ବଲପୁର ଜିଲ୍ଲା ନ ମିଲ୍‌ବା ୨୪ ଘଂଟିଆ ପିଇବାର୍ ପାନିର୍ ସୁବିଧା ।

-୨ ବଛର୍ ଭିତ୍‌ରେ ରାଏଜେ ଥାପ୍‌ନା ହେବା ୩୮ଟା ମଡେଲ୍ ମଣ୍ଡି ।

୨- ରାଏଜେ ଖୋବ୍ ଜଲ୍‌ଦି ହେବା ବ୍ଲକ୍ ଆଉ ପଂଚାୟତ୍‌ର ପୁନର୍ଗଠନ୍- କହେଲେ ପଂଚାୟତିରାଜ୍ ମନ୍ତ୍ରୀ ।

୩- ଅନ୍ତର୍ଜାତୀୟ ଅଙ୍ଗଦାନ୍ ଦିବସ୍ ଅବ୍‌ସରେ ଅଙ୍ଗଦାନ କରିଥିବା ୨୪ ଝନ୍‌ଙ୍କର ପରିବାର୍ ଲୁକ୍‌କୁ କରାଗଲା ସମ୍ମାନୀତ୍ ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗାନ ଉଷ୍‌ନାକିଥି ପାଲିତ୍ ହେଇଛେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ।

ରାଜ୍ୟ କେବିନେଟ୍ ବୈଠକ୍ I&PR

୩୦୦ କୋଟି ଟଙ୍କା ଖର୍ଚ୍ଚରେ ଆସନ୍ତା ୨ ବର୍ଷ ଭିତରେ ରାଜ୍ୟରେ ୩୮ଟି ମଡେଲ୍ ମଣ୍ଡି ସ୍ଥାପନା ବାବଦ ପ୍ରସ୍ତାବକୁ ଆଜି ରାଜ୍ୟ କେବିନେଟ୍ ବୈଠକରେ ଅନୁମୋଦନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକ ସେବା ଭବନଠାରେ ହୋଇଥିବା କେବିନେଟ୍ ବୈଠକରେ ରାଜ୍ୟରେ ଆଉ ୮ଟି ନର୍ସିଂ କଲେଜ୍ ସ୍ଥାପନା, ସମ୍ବଲପୁରରେ ୨୪ ଘଣ୍ଟିଆ ପିଇବା ପାଣି ପ୍ରକଳ୍ପ, ସଂଗ୍ରହାଳୟମାନଙ୍କର ସୁପରିଚାଳନା ଲାଗି ନିର୍ଦ୍ଦେଶାଳୟ ସ୍ଥାପନା ବାଗିର୍ ୬ଟି ବିଭାଗର ୭ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି ବୋଲି ମୁଖ୍ୟ ଶାସନ ସଚିବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।
(ଭଏସ୍ ଓଭର୍----ମୁଖ୍ୟ ଶାସନ ସଚିବ)

ବିଧାୟକ କଲ୍ୟାଣ ପାଣ୍ଠି ପୋର୍ଟାଲ୍ ଭୁବନେଶ୍ୱର
ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାୟକ କଲ୍ୟାଣ ପାଣ୍ଠି ଆଉ ମୁଖ୍ୟମନ୍ତ୍ରୀ ସାହାଯ୍ୟ ଯୋଜନାର ସରଳ

ମାର୍ଗଦର୍ଶିକା ଉନ୍ମୋଚନ୍ କରିଛନ୍ । ଇତାର୍ ସହେତେ ବିଧାୟକ୍ କଲ୍ୟାଣ୍ ପାଣ୍ଠିର୍ ୱେବ୍ ପୋର୍ଟାଲ୍‌କେ ଭିଲ୍ ଉନ୍ମୋଚନ୍ କରିଛନ୍ । ବିଧାୟକ କଲ୍ୟାଣ୍ ପାଣ୍ଠିର୍ ମାର୍ଗଦର୍ଶିକା ଅନ୍‌ସାରେ ପ୍ରକଳ୍ପର୍ ସୁପାରିଶ୍‌ଠାନୁ ଅନୁମୋଦନ୍ ପ୍ରକ୍ରିୟା ଶେଷ୍ ହେବାର୍ ତକ୍ ସମିଆ ୩୦ ଦିନ୍ ରଖାଯାଇଛେ । ସେନ୍ତା ପୋର୍ଟାଲ୍ ଜରିଏ ବିଧାୟକ୍‌ମାନେ ସୁପାରିଶ୍ କରିଥିବା ପ୍ରକଳ୍ପମାନ୍‌କର ବାସ୍ତବ ସ୍ଥିତିର୍ ସୂଚ୍‌ନା ମିଲିପାର୍‌ବା । ଇ ନୂଆ ନିର୍ଦ୍ଦେଶାବଲୀ ପ୍ରଶାସନିକ ପ୍ରକ୍ରିୟାଥି ସରଲ୍‌ତା ଆନ୍‌ବାର୍ ସହେତେ ଜନସାଧାରଣଙ୍କର୍ ଲାଗି ଅତି ଆବଶ୍ୟକ୍ ଆଉ ମୌଳିକ୍ ଭିତିଭୂମିକେ ଖୁବ୍ ଜଲ୍‌ଦି ଫଟିକ୍ ଭାବେ ସମ୍ପାଦନ୍ କରିପାର୍‌ବା ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ।

ଫଂଚାୟତ ପୁନର୍ଗଠନ ହି.ସ.

ରାଜ୍ୟ ସରକାର ଖୋବ୍ ଜଲ୍‌ଦି ବ୍ଲକ୍ ଆଉ ଫଂଚାୟତ୍ ପୁନର୍ଗଠନ୍ କର୍‌ବେ ବଲି ଫଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ ନାଏକ୍ କହିଛନ୍ । ସେ କହିଛନ୍, ୨୦୨୬ ଫଂଚାୟତ୍ ନିର୍ବାଚନ୍ ଆଗୋନୁ ଫଂଚାୟତ୍ ପୁନର୍ଗଠନ୍ ଆଉ ୨୦୨୯ ସାଧାରଣ ନିର୍ବାଚନ୍ ଆଗୋନୁ ବ୍ଲକ୍ ପୁନର୍ଗଠନ୍ କରାଯିବା । ରାଜ୍ୟପାଲ୍

ଡକ୍ଟର ହରିବାବୁ କମ୍ଭମ୍ପାଟି ଗଲାକାଏଲ୍ ବିଭାଗର୍ ସମୀକ୍ଷା କର୍ବାର୍ ଉତ୍ରୁ ପଂଚାୟତ୍ ପୁନର୍ଗଠନ୍ ଲାଗି ପ୍ରସ୍ତାବ୍ ଦେଇଥିଲେ । ଇତାର୍ ଜରିଏ ଲୁକ୍କର ପାଖିକେ ସହଜ୍ ଭାବେ ସରକାରୀ ଯୋଜ୍ନା ପୁହୁଁଚେଇ ହେବା ବଲି ରାଜ୍ୟପାଲ୍ ପରାମର୍ଶ ଦେଇଥିଲେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।
(ଭଏସ୍ ଓଭର୍-----ରବି ନାଏକ)

ଉଚ୍ଚ ଶିକ୍ଷା ବିଭାଗ୍-ମିଶନ୍ ସେଫ୍ ହି.ସ.

ଯୁଆନ୍ ବର୍ଗ ଭିତ୍ରେ ବଢୁଥିବା ଆତ୍ମହତ୍ୟା ରୁକ୍ବାର୍ ଲାଗି ବିଦ୍ୟାଲୟ ଆଉ ବିଶ୍ୱବିଦ୍ୟାଳୟ ନ ଉଚ୍ଚ ଶିକ୍ଷା ବିଭାଗ୍ ତର୍ଫୁ ସେଫ୍ କାମ୍ପେନ୍ ଅଭିଯାନ୍ ମୁଲ୍ କରାଯିବା ବଲି ଉଚ୍ଚ ଶିକ୍ଷାମନ୍ତ୍ରୀ ସୁର୍ଯ୍ୟବଂଶୀ ସୂରଜ୍ କହିଛନ୍ । ସେ କହିଛନ୍, ଶକ୍ତିଶ୍ରୀ ଯୋଜ୍ନା ଜରିଏ ସେଫ୍ କାମ୍ପେନ୍ ମୁଲ୍ କରାଯିବା । ଛାତ୍ରଛାତ୍ରୀମାନ୍ଙ୍କର ମାନସିକ୍ ସନ୍ତୁଲନ୍ କେନ୍ତାକରି ଠିକ୍ ରହେବା, ସେ ଦିଗେ ପଦ୍କ୍ଷେପ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।
ସେଆଡ଼େ ରାଜ୍ୟର୍ ସର୍କାରୀ ବିଦ୍ୟାଲୟମାନ୍କେ ଛାତ୍ରଛାତ୍ରୀମାନ୍ଙ୍କୁ ସଚେତନ୍ କର୍ବାର୍ ଲାଗି ବହୁତ୍ଟେ

ପଦ୍‌କ୍ଷେପ୍ ନିଆଯାଉଛେ ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଛାତ୍ରଛାତ୍ରୀଙ୍କର୍ ମାନସିକତାକେ ବଦ୍‌ଲାବାର୍ ସହେତେ ସଚେତନ୍ କର୍‌ବାର୍ ଲାଗି ଗଣଶିକ୍ଷା ବିଭାଗ୍ ତର୍‌ଫୁ ଖାସ୍ କାର୍ଯ୍ୟକ୍ରମମାନ୍ ନିଆଯାଉଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ଆର୍‌ଆଇ ପରୀକ୍ଷା ଆର୍‌ଏନ୍‌ୟୁ/ କଟକ

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ୍- ଓଏସ୍‌ଏସ୍‌ସି ତର୍‌ଫୁ ଆର୍‌ଆଇ, ଏଆର୍‌ଆଇ, ଅମିନ୍ ପଦ୍‌ବୀ ନିଯୁକ୍ତି ଲାଗି ଫେର୍‌ଘାଏ ପ୍ରିଲିମିନାରୀ ପରୀକ୍ଷା ଲାଗି ବିଜ୍ଞପ୍ତି ବାହାରିଛେ । ଆଏବା ଅକ୍ଟୋବର ଆଉ ନଭେମ୍ବର ମାସେ ଇ ପରୀକ୍ଷା ହେବା ।

ଅଙ୍ଗଦାନ ଦିବସ I&PR

ଭୁବନେଶ୍ୱର ଲୋକେ ସେବା ଭବନ୍‌ଠାନେ ଆଏଜ୍ ରାଜ୍ୟସ୍ତରୀୟ ବିଶ୍ୱ ଅଙ୍ଗଦାନ୍ ଦିବସ୍ ପାଲିତ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ

ମହାଲିଙ୍ଗ ଯୋଗ୍ ଦେଇକରି  ଅଙ୍ଗଦାନ୍ କରିଥିବା ୨୪ ଝନ୍‌ଙ୍କର ପରିବାର ଲୁକ୍‌କୁ ସୂରଜ୍ ସମ୍ମାନ୍ ପ୍ରଦାନ୍ କରିଛନ୍ । ମର୍‌ବାର୍ ଉତ୍‌ରୁ ଅଙ୍ଗଦାନ୍ କରି କରି ଜୀବନ୍ ବଁଚାବାର ସବୁନୁ ବଡ଼ ମହାନ୍ କାମ୍ ଆଏ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ । ଅଙ୍ଗ ପ୍ରତିରୋପଣ୍ ଲାଗି ଏବ୍‌ତକ୍ ରାଜ୍ୟର୍ ୧୪ଟା ଡାକ୍ତରଖାନାକେ ପଞ୍ଜିକୃତ୍ କରାଯାଇଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ଚାଷୀ ପଞ୍ଜିକରଣ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରଏବାର ଆଉ ଛୁଟି ଦିନ୍‌ମାନ୍‌କେ ଭିଲ୍ ଧାନ୍ ଘିନା ଲାଗି ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଜାରି ରଖ୍‌ବାର୍‌କେ ସମବାୟ ସମିତି ନିବନ୍ଧକଙ୍କର୍ ତର୍‌ଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ଅଫିସ୍  ସମିଆ ସଖାଲର ୮ ବଜେନୁ ରାତି ୮ ବଜେ ବାଦ୍ ଭିଲ୍ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ହେବା । ଅଗଷ୍ଟ ୨୦ ତାରିଖ୍‌ନୁ ପଞ୍ଜିକରଣ ଶେଷ୍ ହଉଥିବାନୁ   ଧାରିଜ୍ ସମିଆ ଭିତ୍‌ରେ ସବୁ ଚାଷୀଙ୍କର୍ ପଞ୍ଜିକରଣ ସାର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ତ୍ରିରଙ୍ଗା ଶୋଭାଯାତ୍ରା

ସମ୍ବଲପୁର/ ନୂଆପଡ଼ା/ ସୁବର୍ଣ୍ଣପୁର/ କଲାହାଣ୍ଡି

ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ପ୍ରଶାସନ୍ ତର୍ଫୁ ଆଏଜ୍ ସହର୍ ନ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ହେଇଯାଇଛେ । ଶୋଭାଯାତ୍ରାକେ ଜିଲ୍ଲାପାଲ ସିଦ୍ଧେଶ୍ୱର ବଲିରାମ୍ ବୋନ୍ଦର ଶୁଭାରମ୍ଭ କରିଥିଲେ । ବାଇକ୍ ଶୋଭାଯାତ୍ରା କଚେରୀ ଛକ୍‌ନୁ ବାହାରି କରି ସମଲେଇ ମନ୍ଦିର ତକ୍ ଯାଇଥିଲା । ଇଥି ଜିଲ୍ଲାପାଲ୍, ଏସ୍‌ଏମ୍‌ସି କମିଶନନର୍‌ଙ୍କ ସହେତେ ପୁଲିସ, ଅଗ୍ନିଶମ, ଅବକାରୀ ବିଭାଗର ଅଧିକାରୀ ଆଉ ଅଲ୍‌ଗାମାନେ ସାମିଲ୍ ଥିଲେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଇନ୍ଦ୍ରାଣୀ ମଣ୍ଡଲ୍ ତର୍ଫୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଗୁଟେ ତ୍ରିରଙ୍ଗା ଶୋଭାଯାତ୍ରା ଖଡ଼ିଆଳ ସମଲେଶ୍ୱରୀ ମନ୍ଦିର୍‌ନୁ ବାହାରିକରି ବ୍ଲକ୍‌ର ୯ଟା ଗାଁ ବୁଲିଥିଲା । ଖଡ଼ିଆଲ ସ୍ୱୟଶାସିତ କଲେଜ୍ ତର୍ଫୁ ଭିଲ୍ ଗୁଟେ ତ୍ରିରଙ୍ଗା ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଥିଲା । କଲେଜ୍ କର୍ମଚାରୀ ଆଉ ଛାତ୍ରଛାତ୍ରୀ ଦେଢ଼ ଶହ ମିଟର୍ ଲମ୍ବା ତ୍ରିରଙ୍ଗା ଧରି କରି ନଗର ପରିକ୍ରମା କରିଥିଲେ । ସେନ୍ତା ଖରିଆର ରୋଡ୍ ବିଜ୍ଞପିତ ଅଂଚଲ୍‌ଠାନେ

ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମଥି ଦେଢ଼ ଶହ ମିଟର ଗୁଟେ ତ୍ରିରଙ୍ଗାକେ ଶୋଭାଯାତ୍ରାଥି ନିଆଯାଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲା ଆଉ ପୌର ପ୍ରଶାସନ୍ ତର୍ଫୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ଅବ୍ସରେ ତ୍ରିରଙ୍ଗା ଶୋଭାଯାତ୍ରା ହେଇଯାଇଛେ । ଶୋଭଯାତ୍ରା ସହର ପରିକ୍ରମା କରି କରି ଘରେ ଘରେ ତ୍ରିରଙ୍ଗା ଉଡ଼ାବାର୍କେ ତହଁକେଇଥିଲା ।

କଳାହାଣ୍ଡି ଜିଲ୍ଲା ଭାବନୀପାଟଣାଠାନେ ଜିଲ୍ଲା ପ୍ରଶାସନ୍ ଆଉ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ତର୍ଫୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅବ୍ସରେ ତ୍ରିରଙ୍ଗା ଶେଭାଯାତ୍ରା ସହର ପରିକ୍ରମା କରିଥିଲା । କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଆଉ ଅଲ୍ଗା ଅଧିକାରୀମାନେ ଉପସ୍ଥିତ ଥିଲେ । ସେନ୍ତା ଅଟାଙ୍ଗଗୁଡ଼ାଠାନେ ଥିବା ସିଆର୍ପିଏଫ୍ର ୬୪ ବାଟାଲିଅନ୍ ତର୍ଫୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ହେଇଯାଇଛେ । ସିଆର୍ପିଏଫ୍ କମାଣ୍ଡାଂଟ ଅଜୟ କୁମାରଙ୍କ ନେତୃତ୍ୱଥି ଜିଲ୍ଲାର ବାହାରଗୁଡ଼ା ପଂଚାୟତ ହାଇସ୍କୁଲ୍, ଦୁରାସୁଣି ଖେଲ୍ ପଡ଼ିଆ ଆଉ ତାର୍ ପାଖର୍ ଇଲାକାନ ଜାତୀୟ ପାତାକା ଉତୋଲନ୍ କରାଯାଇଥିଲା ।

କଲେଜ ନ ପୁଲିସର ସଚେତନ୍ତା ସମ୍ବଲପୁର

ସମ୍ବାଦଦାତା

ରାଏଜେ ବଢୁଥିବା ଆତ୍ମହତ୍ୟା ରୁକ୍‌ବାର୍ ଲାଗି ସମ୍ବଲପୁର ମହିଲା ମହାବିଦ୍ୟାଲୟ ନ ପୁଲିସ ତର୍‌ଫୁ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାର ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗ୍ ଦେଇକରି କେନ୍‌ସି ଭିଲ୍ ସ୍ଥିତି ନ ନାଇଁ ହାରି କରି ଆତ୍ମହତ୍ୟା ବାଗିର୍ ଚରମ ପଦକ୍ଷେପ୍ ନାଇ ନେବାର୍‌କେ ଛାତ୍ରୀଙ୍କୁ ବୁଝେଇଛନ୍ ।

ନୂଆଖାଇ ଲଗ୍ନ ଧାରିଜ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଆଏବା ୨୮ ତାରିଖ୍ ଦିନର୍ ୯ ବାଜିକରି ୩୩ ମିନିଟ୍ ନୁ ୧୧ ବାଜିକରି ୨୦ ମିନିଟ୍ ଭିତ୍‌ରେ ନୂଆଖାଏବାର୍ ଲାଗି ଲଗନ୍ ଧାରିଜ୍ କରାଯାଇଛେ । ତାର୍ ଆଘର୍ ଦିନ ଗଡ଼ ରକ୍ଷକ୍ ଦେବୀ ମାଁ ରକ୍ତାମ୍ବରୀ, ଇଲାକାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କୁ ନୂଆ ଲଗାଯିବା । ଖଡ଼ିଆଲ ରାଜପ୍ରାସାଦ୍ ଦରବାର ହଲ୍‌ନ ଯୁବରାଜ ଦେବ ଦେବ ସିଂହଦେଓଙ୍କ ଅଧ୍ୟକ୍ଷତାଥି ପଣ୍ଡିତ, ପୁରୋହିତ, ରାଜଜ୍ୟୋତିଷ ମଣ୍ଡଳି ଆଏଜ୍ ନୂଆଖାଇର୍ ଲାଗି ଇ ଲଗନ୍ ଧାରିଜ୍ କରିଛନ୍ ।

ସଂସ୍କୃତ ଦିବସ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପଂଚାୟତ୍ ମହାବିଦ୍ୟାଳୟ ନ ସଂସ୍କୃତ୍ ଦିବସ୍ ପାଳିତ୍ ହେଇଯାଇଛେ । ମହାବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ମିଶ୍ର ଯୋଗ୍ ଦେଇକରି ସଂସ୍କୃତ୍ ଭାଷାର୍ ମହାନ୍‌ତା ଆଉ ଇତାର୍ ବ୍ୟାକରଣ ବାବ୍‌ଦେ ଆଲୋଚନା କରିଥିଲେ । କଲେଜ୍‌ର ଛାତ୍ରଛାତ୍ରୀ ଆଉ ଅଧ୍ୟାପକ, ଅଧ୍ୟାପିତକା ଯୋଗ୍ ଦେଇଥିଲେ ।

ନିଶା ନିବାରଣ ସପ୍ତାହ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡେନ୍ ବିଜୁ ପଟ୍ଟନାୟକ କଲେଜ୍ ନ ପୁଲିସ ତର୍‌ଫୁ ନିଶା ନିବାରଣ ସପ୍ତାହ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ଗୁଟେ ସଚେତନତା ଶିବିରଥି ପୁଲିସ ଅଧିକାରୀମାନେ ନିଶା ସେବନର୍ ବିନାଶକାରୀ ପରିଣାମ୍ ବାବ୍‌ଦେ ବୁଝେଇଥିଲେ । ଜିଲ୍ଲାର ଖଡ଼ିଆଲ ଡିଗ୍ରୀ କଲେଜ୍ ନ ଭିଲ୍ ଜାତୀୟ ସେବା ଯୋଜ୍‌ନା ତର୍‌ଫୁ ନିଶା ନିବାରଣ ସପ୍ତାହ ପାଲନ୍ କରାଯାଇଛେ । ଇ ଅବ୍‌ସରେ

ନିଶା ନିବାରଣ ମୁକ୍ତ ଭାରତ ଗଠନ୍ ଲାଗି ସଭେ ସଙ୍କଳ୍ପ କରିଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ରୀୟ ବଙ୍ଗୋପସାଗର ନ ବନିଥିବା ଘୂର୍ଣ୍ଣିବଳୟ ଆଏଜ୍ ସକ୍ରିୟ ହେଇଛେ । ଇତାର୍ ପ୍ରଭାବ୍ଥି ପଶ୍ଚିମ କେନ୍ଦ୍ରୀୟ ଆଉ ତାର୍ ପାଖିର ଉତର ପଶ୍ଚିମ ବଙ୍ଗୋପସାଗର ନ ଗୁଟେ ଲଘୁଚାପ କ୍ଷେତ୍ର ବନିଛେ । ଇତାର ବଲେ ଆଏବା ୩ ଦିନ୍ ତକ୍ ରାଜ୍ୟର୍ ସବୁ ଇଲାକା ନ ଘଡ଼ଘଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍ଫୁ ଅନୁମାନ କରାଯାଇଛେ । କୋରାପୁଟ୍ ଆଉ ମାଲକାନଗିରି ନ ଅତି ଜବର ବର୍ଷା ହେଇପାରେ ବଲି କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।